# ପଞ୍ଚାୟତସମୂହ (ଅନୁସୂଚୀତ ଅଞ୍ଚଳଗୁଡ଼ିକୁ ସଂପ୍ରସାରଣ) ପାଇଁ ପ୍ରାବ୍‌ଧାନସମୂହ ଆଇନ୍,୧୯୯୬
## (୧୯୯୬ର ଆଇନ୍ ସଂଖ୍ୟା ୪୦)
## ୨୪ ଡିସେମ୍ବର ୧୯୯୬

**ସମ୍ବିଧାନର ଭାଗ-୯ରେ ପଞ୍ଚାୟତସମୂହ ସଂପର୍କରେ ଥିବା ପ୍ରାବ୍‌ଧାନଗୁଡ଼ିକୁ ଅନୁସୂଚୀତ ଅଞ୍ଚଳସମୂହକୁ ସଂପ୍ରସାରଣ ପାଇଁ ଏହି ଆଇନ୍ ଉଦ୍ଦିଷ୍ଟ ଅଟେ ।**

**ଭାରତର ପ୍ରଜାତନ୍ତ୍ରର ୪୭ତମ ବର୍ଷରେ ଏହା ନିମ୍ନମତେ ପ୍ରଣୟନ କରାଯାଉଛି :-**

**ସଂକ୍ଷିପ୍ତ ଶିରୋନାମା**

୧. ଏହି ଆଇନ୍‌କୁ ପଞ୍ଚାୟତସମୂହ (ଅନୁସୂଚୀତ ଅଞ୍ଚଳଗୁଡ଼ିକୁ ସଂପ୍ରସାରଣ) ପାଇଁ ପ୍ରାବ୍ଧାନସମୂହ ଆଇନ୍, ୧ ୯ ୯ ୬ କୁହାଯାଇପାରେ ।

**ସଂଜ୍ଞା**

୨. ପରିପ୍ରେକ୍ଷୀ ଅନ୍ୟଥା ଆବଶ୍ୟକ କରୁନଥିଲେ ଏହି ଆଇନ୍‌ରେ "ଅନୁସୂଚୀତ ଅଞ୍ଚଳସମୂହ" କହିଲେ ସମ୍ବିଧାନର ଧାରା ୨୪୪ ଅଧୀନସ୍ଥ ଉପଧାରା (୧)ରେ ସୂଚୀତ ହୋଇଥିବା ଅନୁସୂଚୀତ ଅଞ୍ଚଳସମୂହକୁ ବୁଝାଇବ ।

**ସମ୍ବିଧାନର ଭାଗ-୯ର ସଂପ୍ରସାରଣ**

୩. ଧାରା-୪ରେ ଯେଉଁସବୁ ବ୍ୟତିକ୍ରମ ଓ ଭିନ୍ନରୂପତା ସମୂହ ସ୍ଥାନିତ ହୋଇଛି, ସେଗୁଡ଼ିକର ଅଧୀନତା ଭିତ୍ତିରେ ସମ୍ବିଧାନର ଭାଗ-୯ରେ ପଞ୍ଚାୟତସମୂହ ସଂପର୍କରେ ଥିବା ପ୍ରାବ୍‌ଧାନଗୁଡ଼ିକୁ ଏତଦ୍ୱାରା ଅନୁସୂଚୀତ ଅଞ୍ଚଳସମୂହକୁ ସଂପ୍ରସାରଣ କରାଯାଉଛି ।

**ସମ୍ବିଧାନର ଭାଗ-୯ ପ୍ରତି ପ୍ରଯୁଜ୍ୟ ବ୍ୟତିକ୍ରମ ଓ ଭିନ୍ନରୂପତା ସମୂହ**

୪. ସମ୍ବିଧାନର ଭାଗ- ୯ରେ ଯାହା କିଛି ସ୍ଥାନିତ ହୋଇଥାଉନା କାହିଁକି ଗୋଟିଏ ରାଜ୍ୟର ଆଇନ୍ ସଭା ସେହି ଭାଗ ଅଧୀନରେ ଏପରି କୌଣସି ଆଇନ୍ ପ୍ରଣୟନ କରିବ ନାହିଁ, ଯାହାକି ନିମ୍ନୋକ୍ତ କୌଣସି ବୈଶିଷ୍ଟ୍ୟ ସହ ଅସଂଗତ ହେଉଥିବ, ଯଥା:-

(ଏ) ପଞ୍ଚାୟତ ସମ୍ବନ୍ଧରେ ଯଦି ଗୋଟିଏ ରାଜ୍ୟ କୌଣସି ଆଇନ୍ ପ୍ରଣୟନ କରନ୍ତି, ତେବେ ତାହା ପ୍ରଥାନୁରୂପ ବିଧିବିଧାନ, ସାମାଜିକ ଏବଂ ଧାର୍ମିକ ରୀତିନୀତି ଏବଂ ଗୋଠ ସମ୍ପଦସମୂହର ପାରମ୍ପରିକ ପରିଚାଳନା ପଦ୍ଧତି ସହିତ ସଂଗତିପୂର୍ଣ୍ଣ ହେଉଥିବ;

(ବି) ଏକ ବା ଏକାଧିକ ଜନବସତି ଅଥବା ଏକ ବା ଏକାଧିକ ଗ୍ରାମଖଣ୍ଡରେ ବ୍ୟାପ୍ତ ହୋଇଥିବା ଏକ ଜନଗୋଷ୍ଠୀ, ଯେ କି ନିଜର ପରମ୍ପରା ଓ ପ୍ରଥାସମୂହ ଅନୁଯାୟୀ ନିଜର ବ୍ୟାପାରସମୂହକୁ ପରିଚାଳନା କରୁଥିବେ, ସାଧାରଣତଃ ତାକୁ ନେଇ ଏକ ଗ୍ରାମ ଗଠିତ ହେବ;

(ସି) ପ୍ରତି ଗ୍ରାମର ଏକ ଗ୍ରାମସଭା ରହିବ, ଏବଂ ଗ୍ରାମ ସ୍ତରରେ ଥିବା ପଞ୍ଚାୟତର ଭୋଟର୍ ତାଲିକାରେ ଯେଉଁ ବ୍ୟକ୍ତିମାନଙ୍କର ନାମ ଅନ୍ତର୍ଭୁକ୍ତ ହୋଇଥିବ, ସେମାନଙ୍କୁ ନେଇ ଏହି ଗ୍ରାମସଭା ଗଠିତ ହେବ;

(ଡି) ପ୍ରତି ଗ୍ରାମସଭା ଲୋକମାନଙ୍କର ପରମ୍ପରା ଓ ପ୍ରଥାସମୂହ, ସାଂସ୍କୃତିକ ଅସ୍ମିତା, ଗୋଠ ସମ୍ପଦସମୂହ ଏବଂ ବିବାଦ–ମୀମାଂସାର ପ୍ରଥାସିଦ୍ଧ ପଦ୍ଧତିର ସୁରକ୍ଷା ଓ ପରିରକ୍ଷଣ ପାଇଁ କ୍ଷମତାପ୍ରାପ୍ତ ରହିବେ ;

(ଇ) ପ୍ରତି ଗ୍ରାମସଭା–

୧ – ଗ୍ରାମ ସ୍ତରରେ ପଞ୍ଚାୟତ ଯେଉଁସବୁ ଯୋଜନା, କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ହାତକୁ ନେବ, ସେଗୁଡିକର କାର୍ଯ୍ୟାନ୍ୱୟନ ହେବା ପୂର୍ବରୁ ସେଗୁଡିକୁ ଅନୁମୋଦନ କରିଥିବ;

୨ – ଦାରିଦ୍ର୍ୟ ଦୂରୀକରଣ ଏବଂ ଅନ୍ୟ କାର୍ଯ୍ୟକ୍ରମଗୁଡିକ ଅଧୀନରେ ଯେଉଁମାନେ ହିତାଧିକାରୀ ହେବେ ସେମାନଙ୍କର ଚିହ୍ନଟ ଓ ଚୟନ ପାଇଁ ଉତ୍ତରଦାୟୀ ରହିବ;

(ଏଫ୍) ଗ୍ରାମସ୍ତରରେ ଥିବା ପ୍ରତି ପଞ୍ଚାୟତ ଉପଧାରା (ଇ)ରେ ସୂଚୀତ ହୋଇଥିବା ଯୋଜନା, କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପସମୂହ ପିଛା ଉଦ୍ଦିଷ୍ଟ ପାଣ୍ଠିର ବିନିଯୋଗ ପ୍ରମାଣପତ୍ର ଗ୍ରାମସଭା ଠାରୁ ସଂଗ୍ରହ କରିବା ପାଇଁ ବାଧ୍ୟ ଅଟନ୍ତି ;

(ଜି) ସମ୍ବିଧାନର ଭାଗ–୯ ଅଧୀନରେ ଯେଉଁସବୁ ଜନଗୋଷ୍ଠୀଙ୍କ ପାଇଁ ସ୍ଥାନ ସଂରକ୍ଷଣ ପାଇଁ ପ୍ରୟାସ କରାଯାଇଛି, ଅନୁସୂଚୀତ ଅଞ୍ଚଳରେ ପ୍ରତି ପଞ୍ଚାୟତରେ ସେମାନଙ୍କର ଜନସଂଖ୍ୟା ଅନୁପାତରେ ସ୍ଥାନ ସଂରକ୍ଷଣ କରାଯିବ ;

ପରନ୍ତୁ, ଅନୁସୂଚୀତ ଜନଜାତିମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ମୋଟ୍ ସ୍ଥାନସଂଖ୍ୟାର ଅଧାରୁ କମ୍ ହେବନାହିଁ ;

ପୁଣି ପରନ୍ତୁ, ସବୁ ସ୍ତରର ପଞ୍ଚାୟତର ଅଧ୍ୟକ୍ଷ ପଦବୀସମୂହ ଅନୁସୂଚୀତ ଜନଜାତିମାନଙ୍କ ପାଇଁ ସଂରକ୍ଷିତ ରହିବ ;

(ଏଚ୍) ମଧ୍ୟବର୍ତ୍ତୀ ସ୍ତରର ପଞ୍ଚାୟତ କିମ୍ବା ଜିଲ୍ଲା ସ୍ତରର ପଞ୍ଚାୟତରେ ଯେଉଁ ଅନୁସୂଚୀତ ଜନଜାତିମାନଙ୍କର ପ୍ରତିନିଧି ମୋଟେ ନଥିବେ, ସେହି ଅନୁସୂଚୀତ ଜନଜାତିମାନଙ୍କର ବ୍ୟକ୍ତିମାନଙ୍କୁ ରାଜ୍ୟ ସରକାର ପ୍ରତିନିଧି ରୂପେ ମନୋନୀତ କରିପାରନ୍ତି ;

ପରନ୍ତୁ, ଏହି ମନୋନୀତ ସଭ୍ୟସଂଖ୍ୟା ସଂପୃକ୍ତ ସ୍ତରର ପଞ୍ଚାୟତରେ ନିର୍ବାଚିତ ହେବାକୁ ଥିବା ମୋଟ୍ ସଭ୍ୟସଂଖ୍ୟାର ଏକ–ଦଶମାଂଶରୁ ଅଧିକ ହେବନି ;

(ଆଇ) ଉନ୍ନୟନ ପ୍ରକଳ୍ପଗୁଡିକ ପାଇଁ ଅନୁସୂଚୀତ ଅଞ୍ଚଳରେ ଜମିଅଧିଗ୍ରହଣ ପୂର୍ବରୁ ଏବଂ ଏତାଦୃଶ ପ୍ରକଳ୍ପଗୁଡିକ ଦ୍ୱାରା ପ୍ରଭାବିତ ବ୍ୟକ୍ତିମାନଙ୍କୁ ଅନୁସୂଚୀତ ଅଞ୍ଚଳରେ ପୁନର୍ବାସ ଓ ପୁନଃସଂସ୍ଥାନ କରିବା ପୂର୍ବରୁ ଗ୍ରାମସଭା ବା ସମୁଚିତ ସ୍ତରର ପଞ୍ଚାୟତମାନଙ୍କ ସହ ପରାମର୍ଶ କରାଯିବ; ଅନୁସୂଚୀତ ଅଞ୍ଚଳମାନଙ୍କରେ ପ୍ରକଳ୍ପଗୁଡିକର ଯୋଜନା-ପ୍ରସ୍ତୁତି ଏବଂ କାର୍ଯ୍ୟାନ୍ୱୟନର ବାସ୍ତବ କାର୍ଯ୍ୟପ୍ରକ୍ରିୟା ରାଜ୍ୟ ସ୍ତରରେ ସଂଯୋଜିତ ହେବ ;

(ଜେ) ଅନୁସୂଚୀତ ଅଞ୍ଚଳମାନଙ୍କରେ କ୍ଷୁଦ୍ର ଜଳାଶୟସମୂହ ପାଇଁ ଯୋଜନା-ପ୍ରସ୍ତୁତି ଏବଂ ପରିଚାଳନା ଦାୟିତ୍ୱ ସମୁଚିତ ସ୍ତରର ପଞ୍ଚାୟତ ଉପରେ ନ୍ୟସ୍ତ କରାଯିବ;

(କେ) ଅନୁସୂଚୀତ ଅଞ୍ଚଳମାନଙ୍କରେ ଲଘୁ ଖଣିଜଦ୍ରବ୍ୟସମୂହର ପୂର୍ବେକ୍ଷଣ ପାଇଁ ଲାଇସେନ୍ସ ବା ଉତ୍ତୋଳନ ପାଇଁ ଲିଜ୍‌କୁ ମଞ୍ଜୁରି ପ୍ରଦାନ ପୂର୍ବରୁ ଗ୍ରାମସଭା ଅଥବା ସମୁଚିତ ସ୍ତରର ପଞ୍ଚାୟତମାନଙ୍କ ଠାରୁ ସୁପାରିଶ୍ ସଂଗ୍ରହକୁ ବାଧ୍ୟତାମୂଳକ କରାଯିବ;

(ଏଲ୍) ନିଲାମ ଜରିଆରେ ଲଘୁ ଖଣିଜଦ୍ରବ୍ୟର ଉପଯୋଗ କ୍ଷେତ୍ରରେ ରିହାତି ମଞ୍ଜୁରି ପାଇଁ ଗ୍ରାମସଭା ଅଥବା ସମୁଚିତ ସ୍ତରର ପଞ୍ଚାୟତମାନଙ୍କ ଠାରୁ ଅଗ୍ରୀମ ସୁପାରିଶ୍ ସଂଗ୍ରହକୁ ବାଧ୍ୟତାମୂଳକ କରାଯିବ;

(ଏମ୍) ଅନୁସୂଚୀତ ଅଞ୍ଚଳମାନଙ୍କରେ ପଞ୍ଚାୟତଗୁଡିକ ସ୍ୱୟଂ-ଶାସନ ସଂସ୍ଥା ରୂପେ କାର୍ଯ୍ୟ କରିବା ପାଇଁ ସକ୍ଷମ ହେବା ସକାଶେ ଯେଉଁସବୁ କ୍ଷମତା ଓ କର୍ତ୍ତୃତ୍ୱ ଆବଶ୍ୟକ, ସେଗୁଡିକୁ ପଞ୍ଚାୟତମାନଙ୍କ ହାତରେ ନ୍ୟସ୍ତ କଲାବେଳେ ଗୋଟିଏ ରାଜ୍ୟ ଆଇନ୍ ସଭା ଏହା ସୁନିଶ୍ଚିତ କରିବେ ଯେ, ସମୁଚିତ ସ୍ତରର ପଞ୍ଚାୟତସମୂହ ଏବଂ ଗ୍ରାମସଭାକୁ ବିଶେଷ କରି ନିମ୍ନ ବିଷୟରେ କ୍ଷମତାଶାଳୀ କରାଇବେ-

(୧) ନିଶାନିବାରଣକୁ ଲାଗୁ କରିବା ବା କୌଣସି ମାଦକଦ୍ରବ୍ୟର ବିକ୍ରୀ ଏବଂ ବ୍ୟବହାର ଉପରେ ନିୟନ୍ତ୍ରଣ ବା କଟକଣା ଜାରି କରିବାର କ୍ଷମତା;

(୨) ଲଘୁ ବନଜାତ ସାମଗ୍ରୀର ମାଲିକାନା;

(୩) ଅନୁସୂଚୀତ ଅଞ୍ଚଳମାନଙ୍କରେ ଜମି ହସ୍ତାନ୍ତରଣକୁ ନିଷେଧ କରିବା ଏବଂ ଜଣେ ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କ ଠାରୁ ବେଆଇନ୍ ଭାବେ ହସ୍ତାନ୍ତରିତ ହୋଇଥିବା ଜମିକୁ ପୁଣି ସେହି ବ୍ୟକ୍ତିଙ୍କୁ ଫେରସ୍ତ କରାଇବା ସକାଶେ ସମୁଚିତ ପଦକ୍ଷେପ ନେଇ ପାରିବାର କ୍ଷମତା;

(୪) ଯେକୌଣସି ନାମରେ ପ୍ରଚଳିତ ଥିବା ଗ୍ରାମହାଟଗୁଡିକୁ ପରିଚାଳନା କରିବାର କ୍ଷମତା;

(୫) ଅନୁସୂଚୀତ ଜନଜାତିମାନଙ୍କୁ ଅର୍ଥଋଣ ସଂପର୍କୀତ କାରବାର ଉପରେ ନିୟନ୍ତ୍ରଣ ପ୍ରୟୋଗ କରିବାର କ୍ଷମତା;

(୬) ସମସ୍ତ ସାମାଜିକ କ୍ଷେତ୍ରରେ କାର୍ଯ୍ୟରତ ଥିବା ସଂସ୍ଥା ଏବଂ କାର୍ଯ୍ୟକର୍ତ୍ତାମାନଙ୍କ ଉପରେ ନିୟନ୍ତ୍ରଣ ପ୍ରୟୋଗ କରିବାର କ୍ଷମତା;

(୭) ଜନଜାତି ଉପ–ଯୋଜନାସମୂହ ସମେତ ସ୍ଥାନୀୟ ଯୋଜନାସମୂହ ଏବଂ ଏହି ଯୋଜନାଗୁଡିକ ପାଇଁ ଆବଶ୍ୟକ ସମ୍ବଳସମୂହ ଉପରେ ନିୟନ୍ତ୍ରଣ ପ୍ରୟୋଗ କରିବାର କ୍ଷମତା;

(ଏନ୍) ପଞ୍ଚାୟତଗୁଡିକ ସ୍ୱୟଂ–ଶାସନ ସଂସ୍ଥା ରୂପେ କାର୍ଯ୍ୟ କରିବା ପାଇଁ ସକ୍ଷମ ହେବା ସକାଶେ ଯେଉଁସବୁ କ୍ଷମତା ଓ କର୍ତ୍ତୃତ୍ୱ ଆବଶ୍ୟକ, ସେଗୁଡିକୁ ପଞ୍ଚାୟତମାନଙ୍କ ହାତରେ ନ୍ୟସ୍ତୀକରଣ ଉଦ୍ଦେଶ୍ୟରେ ପ୍ରଣୀତ ରାଜ୍ୟ ଆଇନ୍‌ସମୂହ ଏଭଳି ସତର୍କତାମୂଳକ ବ୍ୟବସ୍ଥାକୁ ସ୍ଥାନିତ କରିବେ, ଯାହା ଫଳରେ ଉପର ସ୍ତରର ପଞ୍ଚାୟତମାନେ ତଳସ୍ତରର କୌଣସି ପଞ୍ଚାୟତ ବା ଗ୍ରାମସଭାର କ୍ଷମତାସମୂହ ବା କର୍ତ୍ତୃତ୍ୱକୁ ଦଖଲ ନକରିବା ସୁନିଶ୍ଚିତ ହୋଇପାରୁଥିବ ;

(ଓ) ଅନୁସୂଚୀତ ଅଞ୍ଚଳମାନଙ୍କରେ ଜିଲ୍ଲାସ୍ତରରେ ପ୍ରଶାସନିକ ବ୍ୟବସ୍ଥାର ଢାଞ୍ଚା–ନିର୍ମାଣ କଲାବେଳେ ରାଜ୍ୟ ଆଇନ୍‌ସଭା ସମ୍ବିଧାନର ଷଷ୍ଠ ଅନୁସୂଚୀରେ ସ୍ଥାନିତ ହୋଇଥିବା ଆଦର୍ଶକୁ ଅନୁସରଣ କରିବା ପାଇଁ ପ୍ରଯତ୍ନ କରିବେ ।

**ପଞ୍ଚାୟତସମୂହ ସମ୍ବନ୍ଧରେ ପ୍ରଚଳିତ ଆଇନ୍‌ସମୂହର ବଳବତ୍ତରତା**

୫. ଏହି ଆଇନ୍ ଦ୍ୱାରା ପ୍ରବର୍ତ୍ତୀତ ବ୍ୟତିକ୍ରମ ଓ ଭିନ୍ନରୂପତା ସହିତ ସମ୍ବିଧାନର ଭାଗ– ୯ରେ ଯାହା କିଛି ସ୍ଥାନିତ ହୋଇଥାଉନା କାହିଁକି, ଏହି ଆଇନ୍ ଯେଉଁ ତାରିଖରେ ରାଷ୍ଟ୍ରପତିଙ୍କ ସମ୍ମତି ଲାଭ କଲା, ତହିଁର ଅବ୍ୟବହିତ ପୂର୍ବରୁ ପଞ୍ଚାୟତସମୂହ ସଂପର୍କରେ ଅନୁସୂଚୀତ ଅଞ୍ଚଳଗୁଡିକରେ ବଳବତ୍ତର ଥିବା କୌଣସି ଆଇନ୍‌ର କୌଣସି ଏକ ବ୍ୟବସ୍ଥା ବ୍ୟତିକ୍ରମ ଓ ଭିନ୍ନରୂପତା ସମେତ ସମ୍ବିଧାନର ଭାଗ– ୯ର ପ୍ରାବଧାନସମୂହ ସହିତ ଯଦି ଅସଂଗତ ହେଉଥାଏ, ତେବେ ତାହା କ୍ଷମତାପ୍ରାପ୍ତ ଆଇନ୍‌ସଭା ଦ୍ୱାରା ସଂଶୋଧିତ ବା ପ୍ରତ୍ୟାହୃତ ନହେବା ପର୍ଯ୍ୟନ୍ତ ଅଥବା ଯେଉଁ ତାରିଖରେ ଏହି ଆଇନ୍ ରାଷ୍ଟ୍ରପତିଙ୍କ ସମ୍ମତି ଲାଭ କରିଥିବ, ସେବେଠାରୁ ଏକବର୍ଷ ପୂରିବା ପର୍ଯ୍ୟନ୍ତ ବଳବତ୍ତର ରହିବ ;

**ପରନ୍ତୁ,** ଉକ୍ତ ତାରିଖର ଅବ୍ୟବହିତ ପୂର୍ବରୁ ବଜାୟ ରହିଥିବା ସମସ୍ତ ପଞ୍ଚାୟତଗୁଡିକ ସେମାନଙ୍କର କାର୍ଯ୍ୟକାଳ ପୂରିବା ପର୍ଯ୍ୟନ୍ତ କାଏମ୍ ରହିବେ, ଯଦି ସଂପୃକ୍ତ ରାଜ୍ୟର ବିଧାନସଭା ଦ୍ୱାରା ଗୃହୀତ ପ୍ରସ୍ତାବ ବଳରେ ସେଗୁଡିକୁ ଏହା ପୂର୍ବରୁ ଭଙ୍ଗ କରାଯାଇ ନଥାଏ, ଅଥବା ଯେଉଁ ରାଜ୍ୟରେ ବିଧାନ ପରିଷଦ ଅଛି, ସେଠାରେ ଆଇନ୍ ସଭାର ପ୍ରତି ଗୃହ ଦ୍ୱାରା ଏପରି ଭଙ୍ଗ ପ୍ରସ୍ତାବ ଗୃହୀତ ହୋଇ ନଥାଏ ।

**କେ.ଏଲ୍ ମୋହନପୁରିଆ**
**ଶାସନ–ସଚ୍ଚୀବ, ଭାରତ ସରକାର**

**Translated from English into Oriya by Chitta Behera, 4A Jubilee Tower, Choudhury Bazar, Cuttack-9, Orissa, Mobile: 9437577546, Email: chittabehera1@yahoo.co.in, 21st May 2008**